# DAV PUBLIC SCHOOLS, BHUBANESWAR
# PERIODIC ASSESSMENT-I (2022-23)

1. Please check that this question paper contains 4 printed pages.
2. Check that this question paper contains 7 questions.
3. Write down the Serial Number of the question in the left side of the margin before attempting it.
4. 15 minutes has been allotted to read this question paper. The question paper will be distributed 15 minutes prior to the commencement of the examination. The students will read the question paper only and will not write any answer on the answer script during this period.

## CLASS- VI
## SUBJECT: HIGHER ODIA

**Time Allowed : $1^1/_2$ Hours** **Maximum Marks : 40**

**ସାଧାରଣ ନିର୍ଦ୍ଦେଶାବଳୀ :**

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଦିଅ ।
- ପ୍ରଶ୍ନପତ୍ରରେ ସମୁଦାୟ ୪ଟି ବିଭାଗ ଓ ୭ଟି ମୁଦ୍ରିତ ପ୍ରଶ୍ନ ରହିଛି ।
- ବିଭାଗର ନାମ ଲେଖିବା ସହିତ ବାମ ପାର୍ଶ୍ୱରେ ପ୍ରଶ୍ନଗୁଡ଼ିକର କ୍ରମିକ ସଂଖ୍ୟା ଲେଖ ।
- ସମସ୍ତ ଉତ୍ତର ଲେଖି ସାରିବା ପରେ ପୁନର୍ବାର ଯାଞ୍ଚ କର ।

**(ସମସ୍ତ ପ୍ରଶ୍ନର ଉତ୍ତର ଲେଖିବା ବାଧ୍ୟତାମୂଳକ)**

**'କ' ବିଭାଗ (ପଠନ – ୫)**

**1.ନିମ୍ନ ଅନୁଚ୍ଛେଦଟିକୁ ପଢି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (5 ×1=5)**

ବିଦ୍ୟାଳୟର ବାର୍ଷିକ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯାଉଥାଏ । ସମସ୍ତ ଅତିଥି ଆସିବା ପରେ ସେମାନଙ୍କୁ ମଞ୍ଚ ଉପରକୁ ନିମନ୍ତ୍ରଣ କରାଗଲା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ଛାତ୍ରଛାତ୍ରୀମାନେ ନିଜ ହାତ ତିଆରି ଫୁଲଗୁଚ୍ଛମାନ ଅତିଥିମାନଙ୍କୁ ଅର୍ପଣ କରୁଥାନ୍ତି । ଶେଷରେ ଆସିଲା ତୃତୀୟ ଶ୍ରେଣୀର ଛାତ୍ରୀ ରାଜଶ୍ରୀ । ହାତରେ ଅଛି ଛୋଟ ଫୁଲକୁଣ୍ଡରେ ଗୋଟିଏ କଅଁଳିଆ ଛନଛନିଆ ଗଛଟିଏ । ଫୁଲକୁଣ୍ଡରେ ଲେଖାଥିଲା "ଗଛ ଲଗାଅ ଜୀବନ ବଞ୍ଚାଅ" । ମୁଖ୍ୟ ଅତିଥିଙ୍କ ହାତକୁ ଫୁଲକୁଣ୍ଡଟିକୁ ବଢ଼ାଇଦେଇ ନମସ୍କାର ହୋଇ ସେ ଚାଲିଗଲା । ସମସ୍ତେ ଫୁଲଗୁଚ୍ଛମାନ ଦେଉଥିବାବେଳେ ସେ ଫୁଲକୁଣ୍ଡ ଦେବାର ଦେଖି ଅଧକ୍ଷ ଓ ସମସ୍ତ ଶିକ୍ଷକ ତାକୁ ବହୁତ କଟୂ

କଥା କହିଲେ । ସମସ୍ତଙ୍କ କଟୂ କଥା ଶୁଣି ରାଜଶ୍ରୀ ଭାଙ୍ଗିପଡିଲା । ମୁଖ୍ୟ ଅତିଥିଙ୍କର ଏବେ ଭାଷଣ ଦେବାର ସମୟ । ଭାଷଣ ଆରମ୍ଭ କରିବା ପୂର୍ବରୁ ତାଙ୍କୁ ମିଳିଥିବା ଗଛଟିକୁ ହାତରେ ଧରି ସେ ଘୋଷଣା କଲେ ଆଜିର ବାର୍ଷିକ ଉତ୍ସବର ଶ୍ରେଷ୍ଠ ଛାତ୍ରୀ ହେଉଛନ୍ତି ରାଜଶ୍ରୀ । ସେ ଦେଇଥିବା ଏହି ଛୋଟ ଗଛଟି ଆମ ସମସ୍ତଙ୍କୁ ଏକ ବଡ଼ ବାର୍ତ୍ତା ଦେଇଛି । ଅତି ଆନନ୍ଦରେ ମଞ୍ଚ ଉପରକୁ ଆସି ସେ ତା'ର ପୁରସ୍କାର ଗ୍ରହଣ କଲା । ସଭା ଶେଷରେ ଅଧ୍ୟକ୍ଷ ଓ ସମସ୍ତ ଶିକ୍ଷକ ତା'ର ସୁନ୍ଦର ବାର୍ତ୍ତାଟି ପାଇଁ ତାକୁ ପ୍ରଶଂସା କରିବାକୁ ଲାଗିଲେ ।

**ପ୍ରଶ୍ନ –**

(କ) ଫୁଲକୁଣ୍ଡରେ କ'ଣ ଲେଖା ହୋଇଥିଲା ?

(ଖ) ମୁଖ୍ୟ ଅତିଥିଙ୍କ ହାତକୁ ରାଜଶ୍ରୀ କ'ଣ ବଢ଼ାଇଦେଲା ?

(ଗ) ରାଜଶ୍ରୀ ଭାଙ୍ଗିପଡ଼ିଲା କାହିଁକି ?

(ଘ) ରାଜଶ୍ରୀ କେଉଁ ପୁରସ୍କାର ପାଇଲା ?

(ଙ) ବିଦ୍ୟାଳୟର ଅଧ୍ୟକ୍ଷ ସମେତ ସମସ୍ତ ଶିକ୍ଷକ ରାଜଶ୍ରୀକୁ ପ୍ରଶଂସା କଲେ କାହିଁକି ?

## 'ଖ' ବିଭାଗ (ଲିଖନ -୫)

**2. 'ବୃକ୍ଷର ଉପକାରିତା' ବିଷୟରେ ଅନୁଚ୍ଛେଦଟିଏ ଲେଖ । (1×5=5)**

## 'ଗ' ବିଭାଗ (ବ୍ୟାକରଣ - ୧୦)

**3.ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।**

**କ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ । (3×1=3)**

ଗରଜି, ବରଷି, ଅଳପ

**ଖ) ନିମ୍ନୋକ୍ତ ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦଟିକୁ ବାଛି ଲେଖ । (3×1=3)**

ଜାତିୟ, ଯାତିୟ, ଜାତୀୟ, ଯାତୀୟ

ବିସେସ, ବିଶେଷ, ବିସେଷ, ବିଷେଶ

ବାଲ୍ମୀକି, ବାଲ୍ମିକୀ, ବାଲ୍ମୀକୀ, ବାଲ୍ମିକି

ଗ) ନିମ୍ନୋକ୍ତ ଶବ୍ଦଗୁଡ଼ିକର ଅର୍ଥ ଲେଖ । **(4×1=4)**

ନିଶାମୁଖ, ତ୍ରାସ, ଆଲେଖ୍ୟ, ଦୁର୍ବିପାକ

## 'ଘ' ବିଭାଗ (ସାହିତ୍ୟ - ୨୦)

**4.** ସରଳାର୍ଥ ଲେଖ । **(1×5=5)**

ଛତୁ ଯେ ଛତ୍ର ପ୍ରାୟ ହୋଇ
ରାଜାର ପ୍ରାୟ ଦିଶେ ମହୀ ।

**5.** ନିମ୍ନୋକ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ସଂକ୍ଷେପରେ ଦିଅ । **(3×2=6)**

(କ) ମେଘମାଳ କିପରି ଭାବରେ ଜଳ ବର୍ଷା କଲେ ?

(ଖ) ଭାରତୀୟ ଭାବୁକମାନେ କାହିଁକି ପ୍ରକୃତିକୁ ସମସ୍ତ ପ୍ରେରଣାର ଉତ୍ସ ବୋଲି ଗ୍ରହଣ କରିଛନ୍ତି ?

(ଗ) ବନବାଣୀକୁ କାହିଁକି 'ଭାରତର ବାଣୀ' ବୋଲି କୁହାଯାଇଛି ?

**6.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତରଟିକୁ ବାଛି ଲେଖ ? **(4×1=4)**

(କ) ପୃଥିବୀ ସୂର୍ଯ୍ୟଙ୍କ ଉତ୍ତାପରେ କେତେ ମାସ ଉତ୍ତପ୍ତ ଥିଲା ?

(ତିନି, ଛଅ, ସାତ, ଆଠ)

(ଖ) ଓଡ଼ିଆ ଭାଗବତର ରଚୟିତା କିଏ ?

(ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ, ଅଚ୍ୟୁତାନନ୍ଦ ଦାସ)

(ଗ) ଗୋପବନ୍ଧୁ ଦାସ କେଉଁ ଦୈନିକ ସମ୍ବାଦପତ୍ରର ପ୍ରତିଷ୍ଠାତା ଥିଲେ ?

(ସମୟ, ପ୍ରଜାତନ୍ତ୍ର, ପ୍ରମେୟ, ସମାଜ)

(ଘ) ପୁରାତନ ଭାରତର ଛାତ୍ରମାନେ କେଉଁ ସ୍ଥାନରେ ରହି ଶିକ୍ଷାଲାଭ କରୁଥିଲେ ?

(ପର୍ବତ ହୁଡ଼ାରେ, ଉପବନରେ, ଅରଣ୍ୟରେ, ନଦୀ ପଠାରେ)

**7. ନିମ୍ନୋକ୍ତ ପ୍ରଶ୍ନର ଉତ୍ତର ଲେଖ ?** **(1×5=5)**

‘ନ୍ୟାୟ ବିଚାର’ ଗଳ୍ପଟିର ନାମକରଣର ସାର୍ଥକତା ପ୍ରତିପାଦନ କର ।

*********************